**ସଂକ୍ଷେପରେ**

## ‘ସମୃଦ୍ଧ ସାନ୍ତାଳୀ ଭାଷା ଓ ସଂସ୍କୃତି’ ଶୀର୍ଷକ ଆଲୋଚନାଚକ୍ର

ଡାବୁଗାଁ, ୨୦।୬(ଡି.ଏନ୍.ଏ.)- ସୃଜନୀ ପରିବାର ଚେନ୍ନାଇ ଆନୁକୂଲ୍ୟରେ ଓଡ଼ିଶାର ଲୋକ ସାହିତ୍ୟ, ଲୋକ ସଂସ୍କୃତି ଆମ ଅସ୍ମିତା ଏହି କ୍ରମରେ ସମୃଦ୍ଧ ସାନ୍ତାଳୀ ଭାଷା ଓ ସଂସ୍କୃତି ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ, ଗବେଷକ ତଥା ବରିଷ୍ଠ ଶିକ୍ଷାବିତ୍ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି, ଆଦିବାସୀ ଭାଷା ଓ ସଂସ୍କୃତି ଗବେଷକ ଡ. ରାଜକିଶୋର ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ସାନ୍ତାଳୀ ଭାଷା ଓ ସଂସ୍କୃତିର ଭବିଷ୍ୟତ ଏବଂ ଗବେଷଣାକୁ ଆଧାରକରି ଅତିଥିମାନେ ମତ ରଖିଥିଲେ। ଆଦିବାସୀ ସାହିତ୍ୟ-ସଂସ୍କୃତି ଗବେଷକ ଡ.ରାଜେନ୍ଦ୍ର ପାଢ଼ୀ ଓଡ଼ିଶାର ଆଦିବାସୀ ତଥା ଜନଜାତିଙ୍କ ଜନଜୀବନ ସହ ସଂସ୍କୃତି ଓ ସାହିତ୍ୟ ସମ୍ପର୍କରେ କହିଥିଲେ। ସାନ୍ତାଳୀ ସାହିତ୍ୟ ଓ ସଙ୍ଗୀତ ଗବେଷକ ତଥା ଶିକ୍ଷାବିତ୍ ପ୍ରାଧ୍ୟାପକ ଡ.ସୁନା ମାଝି, ସାନ୍ତାଳୀ ସଙ୍ଗୀତ ଗବେଷିକା, କଣ୍ଠଶିଳ୍ପୀ ଆରତୀ ଟୁଡୁ ଉପସ୍ଥିତ ଥିଲେ। ସୃଜନୀ ପରିବାର ଉପଦେଷ୍ଟା ଅବସରପ୍ରାପ୍ତ ଆଇଏଫ୍ଏସ୍ ଆଶୁତୋଷ ସାମନ୍ତସିଂହାର, ଡ. ବାସନ୍ତୀ ମହାନ୍ତି ଏବଂ ପ୍ରଫେସର ଗୋଦାବରୀଶ ମିଶ୍ର ନିଜ ଅଭିଭାଷଣ ରଖିଥିଲେ। ସୃଜନୀ ପରିବାରର ସମ୍ପାଦକ ଅଶୋକ ସାମନ୍ତ ଅତିଥି ପରିଚୟ ପ୍ରଦାନ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କବି ସୁମତି ମୁଣ୍ଡଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଗତିଶୀଳ ହୋଇଥିଲା। କଣ୍ଠଶିଳ୍ପୀ ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ ସଙ୍ଗୀତ ପରିବେଷଣ କରିଥିଲେ। ସଞ୍ଚାଳକ ରମେଶ ଚନ୍ଦ୍ର ପଶାୟତ ଧନ୍ୟବାଦ ଦେଇଥିଲେ।

## ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ

ଉମରକୋଟ, ୨୧।୬(ସ୍ୱ.ପ୍ର.) - ଉମରକୋଟରେ ଭାରତ ସ୍ୱାଭିମାନ ଓ ପତଞ୍ଜଳି ଯୋଗ ସମିତି ଏବଂ ଯୋଗ ମହାଚ୍ୟବର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ ଉମରକୋଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଯୋଗ ଶିବିରରେ ବହୁ ସଂଖ୍ୟାରେ ଛାତ୍ରୀ ଛାତ୍ର, ଯୁବତୀ ଯୁବକ ଓ ବରିଷ୍ଠ ନାଗରିକମାନେ



ଯୋଗଦେଇଥିଲେ। ସୁନୀଲ ବେହେରା ଯୋଗ ଶିଖାଇ ଥିଲେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ , ଭାରତ ସ୍ୱାଭିମାନ ସଂଘର ଜିଲ୍ଲା ପ୍ରଭାରୀ ଅଶୋକ ପ୍ରଧାନ, କୃପାରାମ ସାହୁ, ଯୁଧିଷ୍ଠିର ରାଜଗଣ୍ଡ ପ୍ରମୁଖ ଯୋଗଦେଇ ଯୋଗ ଦ୍ୱାରା ମଣିଷ ସୁସ୍ଥ ଓ ନିରୋଗ ଜୀବନଯାପନ କରି ପାରିବେ ବୋଲି କହିଥିଲେ।

## ଡ୍ରେନ୍ ନ ଥିବାରୁ ରାସ୍ତାକଡ଼ରେ ଆବର୍ଜନା ପାଣି

ନବରଙ୍ଗପୁର,୨୧।୬(ବି.ପ୍ର.)- ନବରଙ୍ଗପୁର ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ସ୍ୱଳ୍ପ ବର୍ଷା ହେଲେ ରାସ୍ତା କଡରେ ଆବର୍ଜନ ପାଣି ଜମି ରହୁଛି। ଦିନଡାମମ



ପାଣି ନିଷ୍କାସନ ହୋଇ ପାରୁନାହିଁ। ଏବେ ଆଗକୁ ନିୟମିତ ବର୍ଷା ହେଲେ ରାସ୍ତାକଡ଼ ବ୍ୟବସାୟୀ ଓ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେବେ। ପୂର୍ବରୁ ରହିଥିବା ଡ୍ରେନଗୁଡିକ ପୋତି ହୋଇଯିବା ଏହାର ମୁଖ୍ୟ କାରଣ। ଜାତୀୟ ରାଜପଥର ଦୁଇପାର୍ଶ୍ୱରେ ଥବବା ଡ୍ରେନ୍ ସହ ସହରର ଦୋକାନ ବଜାର, ସାହି ଗଳି ନାଳ ସଂଯୋଗ ହୋଇଛି। ବର୍ତ୍ତମାନ ଜାତୀୟ ରାଜପଥର ଉନ୍ନତି କରଣ ଚାଲିଥିଲେ ସୁଦ୍ଧା ସହର ମଧ୍ୟରେ ଡ୍ରେନ ପ୍ରଶସ୍ତି କରଣ କରାଯାଉନି। ପୁରୁଣା ଡ୍ରେନଗୁଡିକରୁ ମାଟି ଓ ପଙ୍କ ଉଠାଇବା ସହ ରଥ ଯାତ୍ରା ପୂର୍ବରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ନବରଙ୍ଗପୁର ଜିଲାରେ ଜାତୀୟ ରାଜପଥର କୌଣସି ଏକ କାର୍ଯ୍ୟାଳୟ ନ ଥିବାରୁ ଲୋକେ ଅଭିଯୋଗ ମଧ କରି ପାରୁ ନାହାନ୍ତି।

# ହୋଇ ପାରିଲାନି ବହୁ ବିଷୟରେ ଆଲୋଚନା, ବୈଠକରେ ଅଶାନ୍ତି

**ତେନ୍ତୁଳିଖୁଣ୍ଟି, ୨୧।୬(ଡି.ଏନ୍. ଏ.)**

- ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ବୈଠକ
- ପାନୀୟ ଜଳ ଯୋଗାଣ, ଖୋଲା ବୋର୍‌ୱେଲ ଗାତ ପୋତିବାକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପ୍ରଥମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗ ଦେଇଥିଲେ। ତେନ୍ତୁଳିଖୁଣ୍ଟି ଜୋନ୍- ୧ ଜିଲା ପରିଷଦ ସଭ୍ୟା କ୍ରିଷ୍ଟା ମଞ୍ଜରୀ ବିଷୋୟୀ, ଜୋନ୍- ୨ ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ଅଧକ୍ଷା ନୀଲନ୍ଦ୍ରୀ ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ ଆଲୋଚନା କରାଯାଇଥିଲା। କିନ୍ତୁ ଆଉ କେତେକ ବିଷୟରେ ଆଲୋଚନା ହୋଇ ନ ପାରିବାରୁ ଉପସ୍ଥିତ ସମିତି ସଭ୍ୟ ଦିଲୀପ ପ୍ରଧାନୀ, ଡମ୍ବରୁ ଭତ୍ରା, ପ୍ରଭାତୀ କନ୍ଧ, ମଧୁସ୍ମିତା ପାଣିଗ୍ରାହୀ ଓ ବିନୋଦିନୀ ସିଂ ପ୍ରମୁଖ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ସହ ଯୁକ୍ତି କରିଥିଲେ।

ବିଭାଗୀୟ ଅଧିକାରୀଙ୍କ ସହ ସୁସମ୍ପର୍କ ରଖି ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ସାଧାରଣ ଜନତା ଏବଂ ନିଜ ଅଞ୍ଚଳର ବିକାଶ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଲୋକ ପ୍ରତିନିଧି ତୃଣମୂଳସ୍ତରରେ କାର୍ଯ୍ୟ ଠିକ୍ ଭାବରେ କରିବା ସହ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବାକୁ ଏମ୍‌ପି କହିଥିଲେ। ପାନୀୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ ବାରିକଙ୍କୁ ଦେଓପାଲି ସମିତି ସଭ୍ୟ ସୁଧୀର ଖୁରା ମେଗାଜଳ ପ୍ରକଳ୍ପ କାର୍ଯ୍ୟରେ ବିଭିନ୍ନ ସ୍ଥାନରେ ପାଇପ ପୋତିବା ପାଇଁ ଖୋଳିବା ପରେ ତାହାକୁ ପୋତା ଯାଉ ନ ଥିବା ଅଭିଯୋଗ କରିଥିଲେ। ବିଧାୟକ କାମ କରୁଥିବା ଉକ୍ତ ଠିକା ସଂସ୍ଥା ଉପରେ ବିଗିଡ଼ିଥିଲେ। ଅଚଳ ହୋଇଥିବା ବୋର୍‌ୱେଲକୁ ଖୁବ୍ ଶୀଘ୍ର ପୋତିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପାତ୍ରପୁଟ ପଞ୍ଚାୟତର ଡଲୁଗୁଡାରେ ପାନୀୟ ଜଳଯୋଗାଣ ଉପରେ ଆଲୋଚନା ହୋଇଥିଲା। ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଥିବା ସ୍କୁଲଗୁଡ଼ିକୁ ପୁନର୍ବାର ଖୋଲାଯିବ ବୋଲି ଶିକ୍ଷା ବିଭାଗ ଅଧିକାରୀ କହିଛନ୍ତି। ଦିଗି ପଞ୍ଚାୟତର ସଲପା ଗ୍ରାମରେ ଥିବା ହଷ୍ଟେଲ ବନ୍ଦ ରହୁଥିବା ଯୋଗୁ ଦୂରଦୂରାନ୍ତରୁ ଆସି ସେଠାରେ ପଢୁଥିବା ପିଲାମାନେ ଅଧାରୁ ପାଠ ଛାଡୁଥିବା ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା କହିଛନ୍ତି। ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ହୋଇଥିବା ଯୋଗୁ ତାହା ବନ୍ଦ ହୋଇଛି ବୋଲି ସେ କହିଥିଲେ। ଏହାସହ ପରଜା ଦେଓପାଲି ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଖୋଲିବା ପାଇଁ ଦେଓପାଲି ସମିତି ସଭ୍ୟ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେନ୍ତୁଳିଖୁଣ୍ଟିରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟନ ହେବାର ବର୍ଷେ ପରେ ମଧ ତାହାକୁ କାହିଁକି ଖୋଲାଯାଉନାହିଁ ବୋଲି ଜିଲା ପରିଷଦ ସଭ୍ୟ ପ୍ରଶ୍ନ କରିଥିଲେ। ୨୦୧୨ରେ ତତ୍କାଳୀନ ଜିଲାପାଳ ଶିବବ୍ରତ ଦାସ ତେନ୍ତୁଳିଖୁଣ୍ଟି ବ୍ଲକ ନିମନ୍ତେ ଆଇଟିଆଇ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଉକ୍ତ ଗୃହ ଜିଲାପାଳଙ୍କ ଅଧୀନରେ ଥିବାବେଳେ ତାଲା ଭାଙ୍ଗି ତାହାକୁ କିଏ ବ୍ୟବହାର କରୁଛି ବୋଲି ପ୍ରଶ୍ନ କରିଛନ୍ତି ଲୋକ ପ୍ରତିନିଧି। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଅନୁପସ୍ଥିତ ଥିଲେ। ପରବର୍ତ୍ତୀ ବୈଠକରେ ଯୋଗଦେବାକୁ ଏମ୍‌ପି କହିଛନ୍ତି। ଏହାପରେ ଉଦ୍ୟାନ ବିଭାଗ ଉପରେ ଆଲୋଚନା କରାଯାଇଛି। ଏବିଡିଓ କୃପାସିନ୍ଧୁ ନାୟକ ଧନ୍ୟବାଦ ଦେଇଥିଲେ।

## ଗୁଣପୁର ଲ୍ୟାମ୍ପ ୯ ଜୋନ୍‌ର ବିଜୟୀ ପ୍ରାର୍ଥୀଙ୍କୁ ନେଇ ଟଣା ଓଟରା ଘଟଣା ପ୍ରତିକ୍ରିୟା ରଖିଲେ ବିଜୟୀ ନିର୍ଦ୍ଦେଶିକା

**ଗୁଣପୁର,୨୧।୬(ଡି.ଏନ୍.ଏ.)**

ଗୁଣପୁର ଲ୍ୟାମ୍ପର ନିର୍ଦ୍ଦେଶକ ପଦ ଫଳାଫଳ ରବିବାର ଘୋଷଣା କରାଯାଇଛି। ସୋମବାର ସଭାପତି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜୁଲାଇ ୫ରେ ନିର୍ବାଚନ ହେବ। ତେବେ ବିଜୟୀ ହୋଇଥିବା ୯ ନଂ ଜୋନ ନିର୍ଦ୍ଦେଶିକା ପ୍ରାର୍ଥୀ କାହାର ତାହାକୁନେଇ ଯେଉଁ ଟଣା ଓଟରା ଚାଲିଥିଲା। ତାହା ଉପରେ ବିଜୟୀ ପ୍ରାର୍ଥୀ ପ୍ରତିକ୍ରିୟା ରଖିଛନ୍ତି। ସେ ଲିଖିତ ଭାବେ ଜଣାଇଛନ୍ତି ଯେ ଶିବ ଗୌଡ ମୋ ପାଇଁ ପ୍ରଚାର କରିଥିଲେ। ତାଙ୍କ ସମର୍ଥନରେ ମୁଁ ବିଜୟ ଲାଭ କରିଛି ଏବଂ ମୁଁ ତାଙ୍କ ସହ ରହିଛି ବୋଲି ନିର୍ଦ୍ଦେଶିକା ରାଜି ପିଡିକାକା ଜଣାଇଛନ୍ତି। ସୂଚନା ଯୋଗ୍ୟ ୧୫ଟି ଜୋନରୁ ୧୪ଟିରେ ଶିବ ପ୍ରସାଦ ଗୌଡଙ୍କ ସମର୍ଥିତ ପକ୍ଷୀ ଚିହ୍ନର ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ସେହିପରି ୯ ନଂ ଯୋନରେ ପଇଡ ଚିହ୍ନରେ ବିଜୟୀ ଗୌରି ଦାସଙ୍କ ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏହାକୁ ନେଇ ଶିବ ଗୌଡ ଏବଂ ଗୌରି ଦାସଙ୍କ ମଧ୍ୟରେ ଟଣା ଓଟରା ପରିସ୍ଥିତି ସୃଷ୍ଟି ହୋଇଥିଲା। ଶିବ ଗୌଡ ଓ ଗୌରି ଦାସ ଉଭୟ ରାଜି ପିଡିକାକାଙ୍କୁ ନିଜ ପ୍ରାର୍ଥୀ ଦାବି କରୁଥିଲେ।

# ପଞ୍ଚାୟତ ଅଧିକାରୀଙ୍କୁ ତାଲା ପକାଇଲେ ୱାର୍ଡସଭ୍ୟ

**ପାପଡାହାଣ୍ଡି,୨୧।୬(ଡି.ଏନ୍.ଏ.)**

**ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଯାଉ ନ ଥିବା ଅଭିଯୋଗ**

ପଞ୍ଚାୟତର କୌଣସି କାର୍ଯ୍ୟରେ ୱାର୍ଡ ସଭ୍ୟମାନଙ୍କୁ ଅଗ୍ରାଧିକାର ଦିଆଯାଉନି। ୱାର୍ଡ ସଭ୍ୟଙ୍କ ଅଜଣାତରେ ଫାଇଲ ଖୋଲି କାମ କରାଯାଉଛି। ରାତାରାତି କାମ ସାରି ଦିଆଯାଉଛି। ପଞ୍ଚାୟତ ଅଧିକାରୀ, ସରପଞ୍ଚ ଓ ଠିକାଦାରଙ୍କ ସଲା ସୁତୁରାରେ ଚାଲିଛି କାମ। ଏପରି ଅଭିଯୋଗ କରି ଅସନ୍ତୋଷ ୱାର୍ଡ ସଭ୍ୟ ଦୀର୍ଘ ୨ଘଣ୍ଟା କାଳ ପଞ୍ଚାୟତ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ତାଲା ଠୁଙ୍କିଲେ। ପାପଡାହାଣ୍ଡି ବ୍ଲକ ଗାଦବାକତରା ପଞ୍ଚାୟତରେ ମଙ୍ଗଳବାର ୱାର୍ଡ ସଭ୍ୟ ମାନେ ଅସନ୍ତୋଷର ପ୍ରତିବାଦ କରି ପଞ୍ଚାୟତ ଅଧିକାରୀ ଛନ୍ଦାଚରଣ ବିଶୋଇଙ୍କୁ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଖବରପାଇ କେତେଜଣ ଖବରଦାତା ସେଠାରେ ପହଞ୍ଚିବା ପରେ ୱାର୍ଡ ସଭ୍ୟମାନେ ତାଲା ଖୋଲିଥିଲେ।

ଗାଦବାକତରା ପଞ୍ଚାୟତରେ ରାସ୍ତା,ପୋଖରୀ ଖନନ ଆଦି କାମ ପଂଚାୟତ ଅଧିକାରୀ, ସରପଞ୍ଚ ଓ ଠିକାଦାର ମିଶି କରୁଥିଲେ। ଉକ୍ତ କାର୍ଯ୍ୟ ନେଇ ୱାର୍ଡମେମ୍ବରମାନେ ଅବଗତ ହେବା କଥା। କିନ୍ତୁ ସେମାନଙ୍କୁ ଜଣାଇ ଦିଆ ଯାଉ ନ ଥିଲା। ୱାର୍ଡ ସଭ୍ୟଙ୍କ ବିନା ପରାମର୍ଶରେ ଆକସନ ପ୍ଲାନରେ କାର୍ଯ୍ୟଗୁଡ଼ିକୁ ରଖାଯାଉଥିଲା। ଜିଓ ଟ୍ୟାଗ କିପରି ହେଉଛି ତାହା ବି ସେମାନେ ଜାଣୁ ନ ଥିଲେ। ରାତିରେ କାମ ସାରି ଦିଆଯାଉଥିଲା ବୋଲି ଅସନ୍ତୁଷ୍ଟ ୱାର୍ଡ ସଭ୍ୟମାନେ କହିଛନ୍ତି। ଏ ନେଇ ପଞ୍ଚାୟତ ଅଧିକାରୀଙ୍କୁ ପଚାରିବାପରେ କୌଣସି ସନ୍ତୋଷଜନକ ଉତ୍ତର ନ ମିଳି ନ ଥିଲା। ସେ ବହୁ ସମୟରେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ଅଭିଯୋଗ କରିଛନ୍ତି ୱାର୍ଡସଭ୍ୟ। ଏହାକୁ ନେଇ ମଙ୍ଗଳବାର ଦିନ ୧ରୁ ୩ଟା ପର୍ଯ୍ୟନ୍ତ ୱାର୍ଡ ସଭ୍ୟମାନେ ତାଙ୍କୁ ତାଲା ପକାଇ ରଖିଥିଲେ। ଏ ନେଇ ପଞ୍ଚାୟତ ଅଧିକାରୀଙ୍କୁ ପଚାରିବାରୁ ସମସ୍ତ କାର୍ଯ୍ୟ ଠିକ ସମ୍ପାଦନ କରୁଛି। ଦୁଇଟି ପଞ୍ଚାୟତ ଦାୟିତ୍ୱରେ ରହିଛି। ଯଦି ଜରୁରୀକାଳୀନ କାର୍ଯ୍ୟ ଥାଏ ତା ହେଲେ ରାତିରେ ମଧ ତାହାକୁ କରୁଛି ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଏପରି କାର୍ଯ୍ୟ ଜାରି ରହିଲେ ପୁଣି ତାଲା ପକାଇବୁ ବୋଲି ୱାର୍ଡ ସଭ୍ୟ ଟୁବନ ହରିଜନ, ସରୋଜିନୀ ନାୟକ, ହରି ନାୟକ, ଗୌରୀମଣୀ ଗାଦବା, ତିଲୋତ୍ତମା ସଗରିଆ, ଚୈତନ୍ୟ ଗାଦବା, ଡମାର ମୁଦୁଲି, କମଳା ସଗରିଆ ପ୍ରମୁଖ ଚେତାବନୀ ଦେଇଛନ୍ତି।


ଗାଦବାକତରା ୱାର୍ଡସଭ୍ୟ ପ୍ରତିବାଦ କରୁଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାମୁ ମୃତ, ଭାଣିଜୀ ଗୁରୁତର

**ଉମରକୋଟ, ୨୧।୬(ସ୍ୱ.ପ୍ର.)**

ଭାଣେଜୀଙ୍କୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାମୁଁ ମୃତ। ମୃତକ ହେଲେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସୁକିଗାଁ ର ମହାଦେବ ରାୟ। ଉମରକୋଟ ସହର କୁସୁମଗୁଡାରେ ଏକ ଅର୍ଥ ଲଗାଣ କାରି ସଂସ୍ଥା କାର୍ଯ୍ୟାଳୟ ରହିଛି। ଏହି ଅଫିସ ଉପର ଦେଇ ୧୧ କେଭି ତାର ଯାଇଛି। ମଙ୍ଗଳବାର ଦିନ ୧୨ଟାରେ ମହାଦେବ ରାୟ, ତାଙ୍କ ୮ ବର୍ଷର ଭାଣିଜୀ ତାନିୟା ବୋଷ ଓ ମାଙ୍କ ସହ ଋଣ ଟଙ୍କା ଆଣିବା ପାଇଁ ଉକ୍ତ ଫାଇନାନ୍ସ କାର୍ଯ୍ୟାଳୟକୁ ଆସିଥିଲେ। ମହାଦେବ ଓ ତାଙ୍କ ମା ଅଫିସ କାର୍ଯରେ ବ୍ୟସ୍ତ ରହିବା ବେଳେ ଭାଣିଜୀ ଛାତ ଉପରକୁ ଖେଳିବାକୁ ଯାଇଥିଲେ। ତାନୀୟା ୧୧ କେଭି ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଭାଣେଜୀଙ୍କୁ ବଞ୍ଚାଇବାକୁ ଯାଇ ମହାଦେବ ଚେଷ୍ଟା କରିବାବେଳେ ସେ ମଧ ତାର ସଂସ୍ପର୍ଶରେ ଆସିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଉଭୟଙ୍କୁ ଉମରକୋଟ ମେଡିକାଲକୁ ନିଆଯାଇଥିଲା। ଡାକ୍ତରଟିଡାରେ ମହାଦେବଙ୍କୁ ମୃତ ଘୋଷଣା କରିଛନ୍ତି। ଉମରକୋଟ ଡାକ୍ତରଖାନାରେ ତାନିୟାଙ୍କ ଚିକିତ୍ସା କରାଯାଉଛି। ଉମରକୋଟ ଥାନା ସବଇନ୍ସପେକ୍ଟର ଖଗେଶ୍ୱର ଖୋସଲା ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଥାନାରେ ୪୪/୨୨ରେ ମାମଲା ରୁଜୁ କରାଯାଇଛି। ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ମୃତକଙ୍କ ପରିବାରକୁ ଅତିରିକ୍ତ ତହସିଲଦାର ଉମେଶ କୁମାର ପୂଜାରୀ ୨୦ହଜାର ଟଙ୍କା ସହାୟତା ଦେଇଛନ୍ତି।

# ମ୍ୟୁନିସିପାଲିଟି ଅଫିସରେ ତାଲା ପକାଇଲେ କାଉନ୍‌ସିଲର


ତାଲାପକାଇ କାଉନସିଲର ଓ ତାଙ୍କ ସମର୍ଥକମାନେ ମ୍ୟୁନିସିପାଲିଟି ଅଫିସ ଆଗରେ ବସିଛନ୍ତି ।

**ଉମରକୋଟ, ୨୧।୬(ସ୍ୱ.ପ୍ର.)**

ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ମୁଖ୍ୟ ଦ୍ୱାରରେ ତାଲା ପକାଇଲେ କଂଗ୍ରେସ କାଉନସିଲର। ପୌର ପରିଷଦ ଗଠନ ହେବାର ଚାରିମାସ ବିତି ଯାଇଥିଲେ ମଧ କୌଣସି କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ତଥା କାର୍ଯ୍ୟାଳୟ କର୍ମଚାରୀ ଠିକ ସମୟରେ ଆସୁ ନ ଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି।

ବିଗତ ଦିନରେ ରାଇଘର ରୋଡ଼ସ୍ଥିତ ପୌର ପରିଷଦର ବିସର୍ଜନ ପୋଖରୀ ପୋତାଯିବା, ସରକାରୀ ଜାଗାରେ ବେସରକାରୀ ଦୋକାନ ଗୃହ ନିର୍ମାଣ, ଆରସିଏମ୍ଅସରେ ନିମ୍ନମାନର ଚାଉଳ ବଣ୍ଟନ, ବିପର୍ଯ୍ୟସ୍ତ ସଫେଇ କାର୍ଯ୍ୟ, ପିଇବା ପାଣି ବଣ୍ଟନର ଅବ୍ୟବସ୍ଥାକୁ ନେଇ ଅନେକ ଥର ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଅଭିଯୋଗଗୁଡ଼ିକୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଉମରକୋଟ ୧୧ନମ୍ବର କାଉନସିଲର ସାଇ ନାରାୟଣ ପାଢ଼ୀ କାର୍ଯ୍ୟାଳୟର ମୁଖ୍ୟ ଦ୍ୱାରରେ ତାଲା ପକାଇଛନ୍ତି। ଫଳରେ ପ୍ରାୟ ୩ଘଣ୍ଟା କାର୍ଯ୍ୟ ବନ୍ଦ ଥିଲା। ଏହି ସମୟରେ ଅନେକ କର୍ମଚାରୀ ଭିତରେ ରହିଥିବା ବେଳେ ଆଉ କେତେଜଣ କର୍ମଚାରୀ ବାହାରେ ଅପେକ୍ଷା କରି ରହିଥିଲେ। ସମସ୍ୟା ସମାଧାନ ନ ହେବା ଯାଏ ଧାରଣାରୁ ଉଠିବି ନାହିଁ ବୋଲି ସେ ଜିଦ ଧରି ବସିଥିଲେ। ୩ ଘଣ୍ଟା ପରେ ପୋତା ଯାଇଥିବା ବିସର୍ଜନ ପୋଖରୀ ଖୋଲିବା ପାଇଁ ଜେସିବି ଆସି କାମରେ ଲାଗିଲା ଓ ଅନ୍ୟ ଅଭିଯୋଗଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କଠାରୁ ଲିଖିତ ପ୍ରତିଶ୍ରୁତି ପାଇବା ପରେ କାଉନସିଲର କାର୍ଯ୍ୟାଳୟରୁ ତାଲା ଖୋଲିଥିଲେ। ଖବରପାଇ ଅତିରିକ୍ତ ଥାନାଧିକାରୀ ଲିମରାଜ ପ୍ରଧାନ, ସବ୍‌ଇନ୍ସପେକ୍ଟର ଖଗେଶ୍ୱର ଖୋସଲା, ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଏହି ପ୍ରତିବାଦରେ ୮ନଂ ୱାର୍ଡର କଂଗ୍ରେସ କାଉନସିଲର ସରସ୍ୱତୀ ଶବର, ମାର୍କଣ୍ଡ ସାହୁ, କୁନା ନାୟକ,ଏସ ବିଜୟ,ଉସମାନ ଲାଠିଆ, ପର୍ଶୁ ନାୟକ, ଶଙ୍କର ସାମଲ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଓଲଟିଲା ଟ୍ରକ୍

**ଝରିଗାଁ, ୨୧।୬(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଏକ ଟ୍ରକ ଉମରକୋଟରୁ ଇଟା ନେଇ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡିଛି। ଦୁର୍ଘଟଣାରେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ପ୍ରକାରେ ଉମରକୋଟରୁ ଇଟା ବୋଝେଇ କରି ଟ୍ରକ (ସିଜି-୦୪ଏମ୍‌କ୍ୟୁ-୯୪୬୮) ଝରିଗାଁ ଦେଇ ଚନ୍ଦାହାଣ୍ଡି ଯାଉଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟାରେ ଚନ୍ଦାହାଣ୍ଡି ଘାଟିରେ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡିଯାଇଥିଲା।

## ଗୁମ୍ମା ଘାଟିରେ ଟ୍ରକ୍ ଓଲଟି ଡ୍ରାଇଭର ମୃତ

**ରାୟଗଡ଼ା, ଅଫିସ, ୨୧।୬**

ରାୟଗଡ଼ା ଜିଲା କୁମ୍ଭିକୋଟା ଫାଣ୍ଡି ଅଧୀନ ଗୁମ୍ମା ଘାଟିରେ ଏକ ଟ୍ରକ ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ରାଜ୍ୟ ଯାମୁଇ ଜିଲା ଅଧୀନ ସବଲପୁର ଗ୍ରାମର ବ୍ରିଜ ନନ୍ଦନ ପ୍ରସାଦ ଯାଦବ। ବିଶାଖାପାଟଣାରୁ ରାୟପୁର ଅଭିମୁଖେ ଯାଉଥିବା ଟ୍ରକ୍ ଭୁଲରେ ରାସ୍ତା ଜାଣି ନପାରି ଗୁମ୍ମା ଘାଟିଦେଇ କୋରାପୁଟ ପଳାଇଥିଲେ। ସେଠାରୁ ପୁଣି ଫେରୁଥିବା ସମୟରେ ଭାରସାମ୍ୟ ହରାଇ ତାହା ଘାଟିରେ ଓଲଟି ପଡିଥିଲା। ଫଳରେ ଘଟଣାସ୍ଥଳରେ ଟ୍ରକ ଡ୍ରାଇଭର ବ୍ରିଜ ନନ୍ଦନ ପ୍ରସାଦ ଯାଦବ କେବିନ୍ ତଳେ ଚାପି ହୋଇ ପ୍ରାଣ ହରାଇଛନ୍ତି। ଖବର ପାଇ କୁମ୍ଭିକୋଟା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛନ୍ତି। ହେଲପର ରାଜୁ ପ୍ରସାଦ ମୃତକଙ୍କ ପରିବାରକୁ ଖବର ଦେଇଛନ୍ତି।

# ଷ୍ଟଲ୍ ନିର୍ମାଣ ଆରମ୍ଭ ପରେ ଜାଗା ସୁରକ୍ଷା ନେଇ ଶିକ୍ଷା ବିଭାଗ ତତ୍ପର

**ନବରଙ୍ଗପୁର,୨୧।୬(ବି.ପ୍ର.)**

ନବରଙ୍ଗପୁର ଦୈନିକ କୃଷକ ବଜାର ମୁଖ୍ୟ ରାସ୍ତା କଡର ଦୁଇ ପାର୍ଶ୍ୱରେ ପୌର ସଂସ୍ଥା ପକ୍ଷରୁ ଷ୍ଟଲ ଗୁଡିକ ଭଡାରେ ଦିଆଯାଇଛି। ରାସ୍ତାର ବାମ ପାର୍ଶ୍ୱ ଷ୍ଟଲ ପଛ ପଟେ ଏକ ପ୍ରାଥମିକ ବିଦ୍ୟାଳୟ ରହିଥିଲା। ଛାତ୍ରୀ ଛାତ୍ର ଉପସ୍ଥାପନ କମ୍ ରହିବାରୁ ବିଦ୍ୟାଳୟ ବନ୍ଦ କରିଦିଆଗଲା । ରକ୍ଷଣା ବେକ୍ଷଣ ନହେଲେ କୋଠରୀଗୁଡିକ ନଷ୍ଟ ହୋଇଯିବ। ଏନେଇ ସେଠାରେ ଗୋଷ୍ଠୀ ସାଧନ କେନ୍ଦ୍ର ଖୋଲା ଯାଇ ସେଠାରେ ସ୍କୁଲମାନଙ୍କ ପାଇଁ ଆସୁଥିବା ପାଠ୍ୟପୁସ୍ତକ ଗୁଡିକ ରଖାଯାଉଥିଲା। ପରବର୍ତ୍ତୀ ସମୟରେ ବିଇଓ କାର୍ଯ୍ୟାଳୟ ପାଇଁ ସ୍ଥାନ ନିରୂପଣ କରାଗଲା। ପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପୁରୁଣା କାର୍ଯ୍ୟାଳୟ ନିକଟରେ ନିର୍ମାଣ ହେଲା। ଏବେ ଉକ୍ତ ବିଦ୍ୟାଳୟକୁ ଲାଗି ପୌର ସଂସ୍ଥା ପକ୍ଷରୁ ନୂଆ ଷ୍ଟଲ ନିର୍ମାଣ ପାଇଁ ଗାତଖୋଳା ଆରମ୍ଭ ହୋଇଛି। ରହିଥିବା ବିଦ୍ୟାଳୟ ରାସ୍ତାକୁ ସଂପୂର୍ଣ୍ଣ ଘେରି ରହିବ ଷ୍ଟଲ ଗୁଡିକ। ଉକ୍ତ ସ୍ଥାନରେ ଶିକ୍ଷକ ଭବନ କାରାଗଲେ ପୁରୁଣା ବିଦ୍ୟାଳୟ ସୁରକ୍ଷିତ ରହିବା ସହ ଶିକ୍ଷକଙ୍କ ଦାବିର ଆବଶ୍ୟକତା ପୂରଣ ହୋଇ ପାରିବ। ଏନେଇ ଶିକ୍ଷକ ସଂଘ ପକ୍ଷରୁ ପ୍ରଶାସନ ଓ ସରକାରଙ୍କୁ ଶିକ୍ଷକ ଭବନ ପାଇଁ ବିଭିନ୍ନ ସମୟରେ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ଯୋଗାଯୋଗ କରିବାରୁ ଏହି ଅଭିଯୋଗ ଆସିଛି। ବୁଧବାର ଉକ୍ତ ସ୍ଥାନକୁ ଯାଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଓ ଜିଲାପାଳଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି ।

**ଷ୍ଟଲ ନିର୍ମାଣ ଆରମ୍ଭ ପରେ ଜାଗା ସୁରକ୍ଷା ନେଇ ଶିକ୍ଷା ବିଭାଗ ତତ୍ପର**



# ଶରୀରକୁ ସୁସ୍ଥ, ଫିଟ୍ ରଖେ ଯୋଗ

**ନବରଙ୍ଗପୁର, ୨୧।୬(ବି.ପ୍ର.)**


ଯୋଗାଭ୍ୟାସ କରିବାକୁ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି ।

ନବରଙ୍ଗପୁର ଲାୟନ୍ସ କ୍ଲବ, ନେହେରୁ ଯୁବକେନ୍ଦ୍ର ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ନବରଙ୍ଗପୁର ମହାବିଦ୍ୟାଳୟରେ ଆନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରାଯାଇଛି। ନିଜକୁ ସୁସ୍ଥ ଓ ଫିଟ୍ ରଖିବାକୁ ଯୋଗ ଜରୁରୀ ବୋଲି ଆଲୋଚନା ହୋଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ନବରଙ୍ଗପୁର ତହସିଲଦାର ରବୀନ୍ଦ୍ର ରାଉତ, ଡିଆଇପିଆର୍‌ଧ ହଳଧର ନିଆଲ, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର ସାହୁ, ନେହେରୁ ଯୁବ କେନ୍ଦ୍ରର ବି.ରମେଶ, ଲାୟନ୍ କ୍ଲବ ସଭାପତି ଜଗନ୍ନାଥ୍ ମହାପାତ୍ର, ନବରଙ୍ଗପୁର ମହାବିଦ୍ୟାଳୟ ଅଧକ୍ଷ ଭାସ୍କର ନାଥ ବିଶ୍ୱାଳ, ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲିପ କୁମାରଙ୍କ ଦାସ, ଲାୟନ୍ସ କ୍ଲବ ସମ୍ପାଦକ ଭୁବନେଶ୍ୱର ସୌରା, ପ୍ରତିଷ୍ଠାତା ସଭ୍ୟ ଡକ୍ଟର କେ. ଡି. ପଟ୍ଟନାୟକ, ପ୍ରଜେକ୍ଟ ପଏଣ୍ଟର ସମ୍ପାଦକ ବଳରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପତଞ୍ଜଳିର ସୁଷମା ଜୈନ ଯୋଗ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମକ ସଂଗ୍ରାମ କେଶରୀ ସାମନ୍ତରାୟ ପରିଚାଳନା କରିଥିଲେ। ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ଡକ୍ଟର ସଂଯୁକ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ରାୟଗଡ଼ା ସହରରେ ଡିଜେଲ ପେଟ୍ରୋଲ ଅଭାବ

**ରାୟଗଡା ଅଫିସ, ୨୧।୬**

ଖାଉଟି ବିଭାଗର ଅବହେଳା ଯୋଗୁ ରାୟଗଡ଼ା ସହରରେ ୨ଦିନ ଧରି ପେଟ୍ରୋଲ ଡିଜେଲର ଘୋର ଅଭାବ ଦେଖାଦେଇଛି। ରାୟଗଡା ସହରରେ ୯ ଟି ପେଟ୍ରୋଲ ପମ୍ପ ଥିବାବେଳେ ଅଧିକାଂଶ ପେଟ୍ରୋଲ ପମ୍ପ ଗୁଡିକରେ ପେଟ୍ରୋଲ ଡିଜେଲ ନ ଥିବା ଜଣା ପଡିଛି। ଯାହା ଫଳରେ ସାଧାରଣ ଜନତା ହଇରାଣ ହେଉଛନ୍ତି। ଗାଡ଼ି ନେଇ ପେଟ୍ରୋଲ ଭରିବାକୁ ଟାଙ୍କି ନିକଟକୁ ଯାଇଥିଲେ ମଧ ସେଠାକାର କାର୍ଯ୍ୟରତ କର୍ମଚାରୀ ପେଟ୍ରୋଲ ନହିଁ କହି ଫେରାଇ ଦେଉଛନ୍ତି। ଫଳରେ ସହରବାସୀ ବାଧ ହୋଇ ଜେକେପୁର ଯାଇ ପେଟ୍ରୋଲ ପକାଉଛନ୍ତି । ସହରରେ ପେଟ୍ରୋଲ, ଡିଜେଲ ନ ପାଇ ଅନେକ ଅସୁବିଧାର ସମୁଖୀନ ହେଉଛୁ ବୋଲି ଗାଡ଼ି ଚାଳକ ଓ ମାଲିକମାନେ ଅଭିଯୋଗ କରିଛନ୍ତି। ପେଟ୍ରୋଲ ଡିଜେଲ ଅଭାବରୁ ଆମ୍ବୁଲାନ୍ସ, ପୋଲିସ ଗାଡ଼ି, ଦମକଳ ଠିକ୍ ସମୟରେ ପହଞ୍ଚି ନ ପାରିଲେ ବଡ଼ବଡ଼ ବିପଦ ଆଶଙ୍କା ରହିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସହରରେ ପେଟ୍ରୋଲ ଡିଜେଲ ଅଭାବ ନେଇ ଆମ ପାଖରେ କୌଣସି ସୂଚନା ନାହିଁ ବୋଲି ରାୟଗଡା ସଦର ସିଏସ୍‌ଓ ସୁହଂସ ଭୋଇ କହିଛନ୍ତି। ଏହାର ସମାଧାନ କରିବାକୁ ଦାବିବ ହୋଇଛି।

# ୫ ବର୍ଷରେ ୧୭୩୨ ଶିଶୁଙ୍କୁ ଅପପୁଷ୍ଟି

**ରାୟଗଡ଼ା ଅଫିସ, ୨୧।୬**

- ଦାରିଦ୍ର୍ୟ, ସଚେତନତା ଅଭାବ ମୁଖ୍ୟ କାରଣ
- ଦୁର୍ଗମ ଅଞ୍ଚଳରେ ବଢ଼ାଯିବ ସଚେତନତା କାର୍ଯ୍ୟକ୍ରମ: ସିଡିଏମ୍‌ଓ

ରାଜ୍ୟରେ ଖାଦ୍ୟ ପ୍ରଚୁର ଅଛି ବୋଲି ସରକାର ସ୍ଲୋଗାନ ଦେଉଛନ୍ତି। କିନ୍ତୁ ରାୟଗଡା ଜିଲାରେ ଗତ ୫ ବର୍ଷ ମଧ୍ୟରେ ୧୭୩୨ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଛନ୍ତି। ୨୦୧୭ -୧୮ରେ ୩୭୧, ୨୦୧୮-୧୯ରେ ୩୫୪, ୨୦୧୯ -୨୦ରେ ୪୧୭, ୨୦୨୦-୨୧ରେ ୨୬୧ ଓ ୨୦୨୧-୨୨ରେ ୩୨୯ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଛନ୍ତି। କରୋନା ସମୟରେ ଅନେକ ଶିଶୁ କୋଭିଡ୍ ଯୋଗୁ ମେଡିକାଲକୁ ଆସୁ ନ ଥିଲେ। ସେମାନଙ୍କୁ ମିଶାଇଲେ ଉପରୋକ୍ତ ସଂଖ୍ୟା ବଢିପାରେ।

ରାୟଗଡା ଜିଲାର କଲ୍ୟାଣସିଂହପୁର, କାଶୀପୁର, ଗୁଣପୁର, ପଦ୍ମପୁରରୁ ଲୋକେ ଦାଦନ ଖଟିବାକୁ ଯାଉଛନ୍ତି। ଉକ୍ତ ଅଞ୍ଚଳରେ ଦରିଦ୍ର୍ୟ ସୀମାରେଖା ତଳେ ଦରିଦ୍ର ରହୁଥିବା ଲୋକେ ନିଜ ଶିଶୁକୁ ଉତ୍ତମ ଖାଦ୍ୟ ଯୋଗାଇ ପାରୁନାହାନ୍ତି। ଫଳରେ ସେସବୁ ଅଞ୍ଚଳରେ ପିଲାମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ଏହାଛଡ଼ା ବାଲ୍ୟ ବିବାହ, ୬ମାସ ପର୍ଯ୍ୟନ୍ତ ଶିଶୁଙ୍କୁ ସ୍ତନ୍ୟପାନ ନ କରାଇବା, ପ୍ରସୂତି ପରେ ମା’ମାନେ କ’ଣ ଖାଇବେ ସେ ସବୁ ଉପରେ ସଚେତନ ନ ଥିବାରୁ ଏହି ଅପପୁଷ୍ଟିର ହାର କମୁନାହିଁ। କେନ୍ଦ୍ର ଏବଂ ରାଜ୍ୟ ସରକାର ଶିଶୁମାନଙ୍କ ଅପପୁଷ୍ଟି ସଂଖ୍ୟା ରୋକିବାକୁ ବିଭିନ୍ନ ଯୋଜନା କରୁଛନ୍ତି। ସମନ୍ୱିତ ଶିଶୁ ବିକାଶ ଯୋଜନାରେ ପ୍ରତ୍ୟେକ ଗ୍ରାମାଞ୍ଚଳରେ ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ନିୟୋଜିତ କରାଯାଉଛି ହେଲେ ଅପପୁଷ୍ଟି ଥମିବାର ନାଁ ଧରୁନି। ଅଙ୍ଗନୱାଡି କର୍ମୀମାନେ ଉଭୟ ମା’ ଏବଂ ଶିଶୁଙ୍କର ଉଚ୍ଚତା, ଓଜନ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି, କିନ୍ତୁ ତାହା ତୃଣମୂଳ ସ୍ତରରେ କେତେ କାର୍ଯ୍ୟକ୍ଷମ ହେଉଛି ତାହାର ତଦନ୍ତ ଆବଶ୍ୟକତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ମା କ୍ଷୀର ଶିଶୁ ପାଇଁ ଅତ୍ୟନ୍ତ ଜରୁରୀ। ଶିଶୁର ଖାଦ୍ୟରେ ପୁଷ୍ଟିସାର ରହିବା ଆବଶ୍ୟକ, ଯାହାକୁ ନେଇ ଗ୍ରାମାଞ୍ଚଳ ଲୋକେ ସଚେତନ ନୁହନ୍ତି। ପ୍ରତ୍ୟେକ ଲୋକଙ୍କୁ

ଏ ସମ୍ପର୍କରେ ବୁଝାଯାଉଛି ବୋଲି ରାୟଗଡା ପୁଷ୍ଟି ପୁନର୍ବାସ କେନ୍ଦ୍ର ସଂଯୋଜିକା ସଙ୍ଗୀତା ବେହୁରା କହିଛନ୍ତି। ଏ ନେଇ ସିଡିଏମ୍‌ଓ ଲାଲ୍‌ମୋହନ ରାଉତରାୟଙ୍କୁ ପଚାରିବାରୁ ଗ୍ରାମାଞ୍ଚଳରେ ଲୋକଙ୍କୁ ଅଧିକ ମାତ୍ରାରେ ସଚେତନ କରାଇବା ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି।

